# ଅଧ୍ୟାୟ I: ସାଧାରଣ ଓ ସାମାଜିକ କ୍ଷେତ୍ରର ଅବଲୋକନ

## 1.1 ଉପକ୍ରମ

ଏହି ପ୍ରତିବେଦନରେ ସାଧାରଣ ଓ ସାମାଜିକ କ୍ଷେତ୍ର ପରିସରଭୁକ୍ତ ରାଜ୍ୟ ସରକାରୀ ବିଭାଗ ଓ ସ୍ୱୟଂଶାସିତ ସଂସ୍ଥାଗୁଡ଼ିକର ସମୀକ୍ଷାରୁ ପ୍ରାପ୍ତ ବିଷୟ ବସ୍ତୁ ଅନ୍ତର୍ଭୁକ୍ତ । ସମୀକ୍ଷାର ଗୁରୁତ୍ୱପୂର୍ଣ୍ଣ ଫଳାଫଳକୁ ରାଜ୍ୟ ବିଧାନ ସଭାର ଧ୍ୟାନକୁ ଆଣିବା ହେଉଛି ଏହି ପ୍ରତିବେଦନର ପ୍ରାଥମିକ ଉଦ୍ଦେଶ୍ୟ । ଏହି ସମୀକ୍ଷା ଫଳାଫଳଗୁଡିକ କାର୍ଯ୍ୟନିର୍ବାହୀ ମାନଙ୍କୁ ପ୍ରତିକାରାତ୍ମକ ପଦକ୍ଷେପ ଗ୍ରହଣ କରିବା ସହିତ ନୀତି ଓ ନିର୍ଦ୍ଦେଶାବଳୀ ଗଠନ କରିବାରେ ସହାୟକ ହେବା ଆଶା କରାଯାଏ, ଯାହାକି ସଗଠନର ଉନ୍ନତ ଆର୍ଥିକ ପରିଚାଳନା ସହିତ ଉତ୍ତମ ଶାସନନୀତି ପ୍ରଚଳନରେ ସହାୟକ ହେବ ।

ଏହି ପ୍ରତିବେଦନ ନିମ୍ନ ବର୍ଣ୍ଣିତ ଦୁଇଟି ଅଧ୍ୟାୟରେ ସଂଗଠିତ କରାଯାଇଛି:

- **ଅଧ୍ୟାୟ**-I ଅଧିନରେ ସାଧାରଣ ଓ ସାମାଜିକ କ୍ଷେତ୍ରର ଅବଲୋକନ ସହିତ ଏହି କ୍ଷେତ୍ରଗୁଡ଼ିକର ପରିସରଭୁକ୍ତ ବିଭାଗ ଗୁଡ଼ିକର ବିଗତ ପାଞ୍ଚ ବର୍ଷର ଖର୍ଚ୍ଚର ସଂକ୍ଷିପ୍ତ ବିଶ୍ଳେଷଣ, ସମୀକ୍ଷା ପ୍ରାଧିକାର, ସମୀକ୍ଷା ପରିସର, ସମୀକ୍ଷାର ଯୋଜନା ଓ ସଞ୍ଚାଳନ, ବିବିଧ ସମୀକ୍ଷା ଉତ୍ପାଦ ଯଥା ନୀରିକ୍ଷଣ ରିପୋର୍ଟ, ସମୀକ୍ଷା ଅନୁଚ୍ଛେଦ ଇତ୍ୟାଦି ଉପରେ ସରକାରଙ୍କ ପ୍ରତିକ୍ରିୟା ଓ ପ୍ରତିବେଦନ ଉପରେ ଅନୁବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ବିଷୟ ଅନ୍ତର୍ଭୁକ୍ତ କରାଯାଇଛି ।
- **ଅଧ୍ୟାୟ**-II ଅଧିନରେ ବିଭିନ୍ନ ବିଭାଗ ଓ ସେଗୁଡ଼ିକର କାର୍ଯ୍ୟକାରୀ ସଂସ୍ଥାମାନଙ୍କର ଅନୁପାଳନ ସମୀକ୍ଷାରୁ ପ୍ରାପ୍ତ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ତଥା ଓଡ଼ିଶା ରାଜ୍ୟ ମେଡିକାଲ କର୍ପୋରେସନ ଲିମିଟେଡ୍ ଦ୍ୱାରା ଔଷଧ, ଚିକିତ୍ସା ସାମଗ୍ରୀ ଓ ସରଞ୍ଜାମର କ୍ରୟ ଓ ବିତରଣ ଏବଂ ରାଜ୍ୟରେ ଦିନ୍ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାର କାର୍ଯ୍ୟାନ୍ୱୟନ ସମ୍ପର୍କିତ ଅନୁପାଳନ ସମୀକ୍ଷା ଅନ୍ତର୍ଭୁକ୍ତ କରାଯାଇଛି ।

## 1.2 ସାଧାରଣ ଓ ସାମାଜିକ କ୍ଷେତ୍ର ଏବଂ ସମୀକ୍ଷା ପରିସରର ପାର୍ଶ୍ୱଚିତ୍ର

ବଜେଟ୍ ପୁସ୍ତିକା ଅନୁଯାୟୀ ଓଡ଼ିଶା ସରକାର ବିଭିନ୍ନ ବିଭାଗ ସମ୍ପର୍କିତ 43 ଟି ଅନୁଦାନ କରିଥାନ୍ତି । 24 ଟି ଅନୁଦାନ ଅନ୍ତର୍ଗତ ବିଭିନ୍ନ ସ୍ତରର 12,058 ସଂସ୍ଥା ମହାଲେଖାକାର (ସାଧାରଣ ଓ ସାମାଜିକ କ୍ଷେତ୍ର ଲେଖା ପରୀକ୍ଷା), ଓଡ଼ିଶା କାର୍ଯ୍ୟାଳୟର ସମୀକ୍ଷା ପରିସରଭୁକ୍ତ । ରାଜ୍ୟ ଏକତ୍ରୀକୃତ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରାପ୍ତ କିମ୍ବା କର୍ତ୍ତବ୍ୟ, କ୍ଷମତା ଓ ଚାକିରୀ ସର୍ତ୍ତାବଳୀ (ଡିପିସି) ଅଧିନିୟମ 1971 ର ବିଭିନ୍ନ ଧାରା ଭିତ୍ତିରେ ସରକାରଙ୍କ ଦ୍ୱାରା ମହାଲେଖା ନିୟନ୍ତ୍ରକ ତଥା ମହା ସମୀକ୍ଷକ (ସିଏଜି)ଙ୍କୁ ସମୀକ୍ଷା ଦାୟିତ୍ୱ ନ୍ୟସ୍ତ କରାଯାଇଥିବା 152 ଟି ସଂସ୍ଥା/ କର୍ତ୍ତୃପକ୍ଷଙ୍କ[1] ସମୀକ୍ଷା ମଧ ଏହି କାର୍ଯ୍ୟାଳୟ ଦ୍ୱାରା ସମ୍ପାଦନ କରାଯାଇଥାଏ । ମହାଲେଖାକାର (ସାଧାରଣ ଓ ସାମାଜିକ କ୍ଷେତ୍ରଲେଖା ପରୀକ୍ଷା) ଓଡ଼ିଶାଙ୍କ ସମୀକ୍ଷା ପରିସରଭୁକ୍ତ ବିଭାଗ, ସ୍ୱୟଂଶାସିତ ସଂସ୍ଥା ଓ କମ୍ପାନିଗୁଡ଼ିକର ତାଲିକା ***ପରିଶିଷ୍ଟ 1.1*** ରେ ଦର୍ଶାଯାଇଛି ।

ମହାଲେଖାକାର (ସାଧାରଣ ଓ ସାମାଜିକ କ୍ଷେତ୍ର, ଲେଖା ପରୀକ୍ଷା) ଓଡ଼ିଶାଙ୍କ ସମୀକ୍ଷା ପରିରଭୁକ୍ତ ଥିବା ଗୁରୁତ୍ୱପୂର୍ଣ୍ଣ ବିଭାଗ ଗୁଡ଼ିକର 2014-19 ଅବଧିରେ ହୋଇଥିବା ଖର୍ଚ୍ଚର ବିବରଣ ***ସାରଣୀ 1.1*** ରେ ଦର୍ଶାଯାଇଛି ।

[1] ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ(ସିଏଜି)ଙ୍କ, ଡିପିସି (କର୍ତ୍ତବ୍ୟ, କ୍ଷମତାଓ ଚାକିରୀ ସର୍ତ୍ତାବଳୀ) ଅଧିନିୟମ 1971 ର ଧାରା 14(i) 110, 15(i) 19(i) 32 (50 ଟି ଜିଲ୍ଲା ବିଧିକ ସେବା କର୍ତ୍ତପକ୍ଷଙ୍କ ସମେତ) 19137: 9 ର ଅଧିନରେ

**ସାରଣୀ 1.1 ମହାଲେଖାକାର (ସାଧାରଣ ଓ ସାମାଜିକ କ୍ଷେତ୍ର, ଲେଖା ପରୀକ୍ଷା), ଓଡ଼ିଶାଙ୍କ ସମୀକ୍ଷା ପରିସରଭୁକ୍ତ ବିଭାଗ ଗୁଡ଼ିକର ବ୍ୟୟର ବିବରଣ**

(ଟଙ୍କା କୋଟିରେ)

| କ୍ରମିକ ସଂଖ୍ୟା | ବିଭାଗର ନାମ | 2014-15 | 2015-16 | 2016-17 | 2017-18 | 2018-19 |
|---|---|---|---|---|---|---|
| 1. | ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି | 239.02 | 213.02 | 209.69 | 274.07 | 131.38 |
| 2. | ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି | 95.34 | 110.83 | 111.25 | 99.19 | 112.87 |
| 3. | ଅର୍ଥ | 7,072.85 | 6,719.98 | 7,213.97 | 10,520.15 | 12,351.26 |
| 4. | ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ | 1,529.39 | 1,269.43 | 1,081.54 | 988.59 | 1,224.46 |
| 5. | ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ | 275.61 | 236.71 | 241.38 | 316.40 | 370.62 |
| 6. | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ | 3,222.00 | 3,724.14 | 4,817.09 | 4,928.42 | 5,800.46 |
| 7. | ଉଚ୍ଚ ଶିକ୍ଷା | 1,875.81 | 1,944.62 | 1,973.94 | 1,792.21 | 2,009.55 |
| 8. | ଗୃହ | 3,206.36 | 3,379.99 | 3,585.35 | 4,198.73 | 4,923.19 |
| 9. | ଗୃହ ନିର୍ମାଣ ଓ ନଗର ଉନ୍ନୟନ | 2,340.72 | 2,721.88 | 3,075.76 | 4,683.27 | 4,540.75 |
| 10. | ସୂଚନା ଓ ଲୋକ ସଂପର୍କ | 0 | 0 | 0 | 0 | 282.99 |
| 11. | ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା | 197.65 | 221.96 | 96.35 | 136.48 | 115.77 |
| 12. | ଆଇନ୍ | 232.51 | 285.16 | 238.95 | 279.98 | 324.79 |
| 13. | ପଞ୍ଚାୟତି ରାଜ ଓ ପାନୀୟ ଜଳ | 4,821.45 | 7,652.22 | 8,345.96 | 9,302.11 | 15,426.37 |
| 14. | ଯୋଜନା ଓ ଅଭିସରଣ | 1,062.61 | 764.06 | 785.32 | 992.12 | 987.37 |
| 15. | ରାଜସ୍ୱ ଓ ବିପର୍ଯ୍ୟୟର ପରିଚାଳନା | 2,267.65 | 3,257.10 | 3,291.03 | 1,992.70 | 931.75 |
| 16. | ଗ୍ରାମ୍ୟ ଉନ୍ନୟନ | 3,838.99 | 6,609.27 | 7,276.61 | 7,392.33 | 7,289.79 |
| 17. | ବିଦ୍ୟାଳୟ ଓ ଗଣଶିକ୍ଷା | 7,886.68 | 9,049.63 | 9,774.15 | 12,058.59 | 14,161.88 |
| 18. | ଭିନ୍ନକ୍ଷମ ବ୍ୟକ୍ତିଙ୍କ ସାମାଜିକ ସୁରକ୍ଷା ଓ ସଶକ୍ତିକରଣ | 0 | 0 | 1,746.13 | 1,914.79 | 2,257.12 |
| 19. | କ୍ରୀଡ଼ା ଓ ଯୁବ ବ୍ୟାପାର | 64.31 | 85.15 | 102.82 | 250.39 | 418.08 |
| 20. | ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟା ଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ | 1,944.80 | 2,508.60 | 2,542.57 | 2,851.83 | 3,220.68 |
| 21. | ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି | 3,558.80 | 3,812.51 | 2,109.05 | 2,266.84 | 3,163.51 |
| 22. | ବିଜ୍ଞାନ ଓ ବୈଷୟିକ ଜ୍ଞାନ | 61.87 | 65.34 | 61.53 | 60.91 | 63.60 |
| 23. | ସଂସଦୀୟ ବ୍ୟାପାର | 27.92 | 30.23 | 31.63 | 39.52 | 44.86 |
| 24. | ସରକାରୀ ଉଦ୍ୟୋଗ | 3.81 | 14.27 | 6.78 | 9.02 | 12.91 |
| | **ମୋଟ** | **45,826.15** | **54,676.10** | **58,718.85** | **67,348.64** | **80,166.01** |

***(ଉତ୍ସ: ଓଡ଼ିଶା ସରକାରଙ୍କ 2014-15 ଠାରୁ 2018-19 ପାଇଁ ଖର୍ଚ୍ଚ ଲେଖା)***

# *କ୍ରମିକ ସଂଖ୍ୟା 18 ଜୁଲାଇ 2015 ଠାରୁ କାର୍ଯ୍ୟକାରୀ ହୋଇଥିଲା । 2016-17 ପରଠାରୁ ପୃଥକ ଅନୁଦାନରେ ଆବଣ୍ଟନ ନିଆଯାଇଥିଲା ।*

ଅର୍ଥ ବିଭାଗରେ, 2017-18 ରୁ ପେନ୍‌ସନ୍ ଦେୟତାର 1,814.03 କୋଟି ଟଙ୍କା ବୃଦ୍ଧି ଯୋଗୁ 2018-19 ରେ 1,831.11 କୋଟି ଟଙ୍କାର ଅଧିକ ଖର୍ଚ୍ଚ ହୋଇଥିଲା । ସେହିପରି, ଗ୍ରାମୀଣ ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମ ପାଇଁ 3,966.36 କୋଟି ଟଙ୍କା ଖର୍ଚ୍ଚ ଯୋଗୁଁ ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗରେ 2018-19 ରେ 6,124.26 କୋଟି ଟଙ୍କା ଅଧିକ ଖର୍ଚ୍ଚ ହୋଇଥିଲା, ଯାହାକି ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା 2017-18 ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇଥିଲା ଏବଂ ଏକ ନୂତନ ଯୋଜନା "ଆମ ଗାଁ ଆମ ବିକାଶ ଯୋଜନା" ରେ 1,250 କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା ।

## 1.3 ସମୀକ୍ଷା ପାଇଁ ପ୍ରାଧିକାର

ସିଏଜିଙ୍କ ଦ୍ୱାରା ସମୀକ୍ଷା ପାଇଁ ପ୍ରାଧୀକାରକୁ ଭାରତୀୟ ସମ୍ବିଧାନର ଧାରା 149 ଓ 151 ଏବଂ ମହାଲେଖା ନିୟନ୍ତ୍ରକ ତଥା ମହା ସମୀକ୍ଷକଙ୍କ କର୍ତ୍ତବ୍ୟ, କ୍ଷମତା ଓ ଚାକିରୀର ସର୍ତ୍ତାବଳୀ ଅଧିନିୟମ 1971 (ଡିପିସି ଅଧିନିୟମ)ରୁ ଅଣାଯାଇଛି । ସିଏଜିଙ୍କ ଡିପିସି ଅଧିନିୟମ 1971 ର ଧାରା 13[2] ଅଧିନରେ ସିଏଜି ଓଡ଼ିଶା ସରକାରଙ୍କ ବିଭାଗ ଗୁଡ଼ିକର ବ୍ୟୟ ସମୀକ୍ଷା କରନ୍ତି । ସିଏଜିଙ୍କ ଡିପିସି ଅଧିନିୟମ ଧାରା 19(2) ଓ 19(3)[3] ଅଧିନରେ ସମୀକ୍ଷକ ସ୍ୱୟଂଶାସିତ ସଂସ୍ଥାଗୁଡ଼ିକର ସିଏଜି ଏକମାତ୍ର ସମୀକ୍ଷକ ଅଟନ୍ତି । ଏଥିସହିତ ଡିପିସି ଅଧିନିୟମର ଧାରା 14[4] ଅନୁଯାୟୀ ସରକାରଙ୍କ ଦ୍ୱାରା ଅଧିକାଂଶ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ସ୍ୱୟଂଶାସିତ ସଂସ୍ଥା ଏବଂ ଧାରା 20(1) ଅନୁଯାୟୀ ସ୍ଥାନୀୟ ନିକାୟ ଗୁଡ଼ିକର ସମୀକ୍ଷା ମଧ ସିଏଜିଙ୍କ ଦ୍ୱାରା ସମ୍ପାଦିତ ହୋଇଥାଏ । ବିଭିନ୍ନ ସମୀକ୍ଷା ପାଇଁ ନୀତି ଏବଂ ପଦ୍ଧତି ସିଏଜିଙ୍କ ଦ୍ୱାରା ପ୍ରଣୀତ ରେଗୁଲେସନ ଅନ୍ ଅଡିଟ୍ ଆଣ୍ଡ ଆକାଉଣ୍ଟସ 2007 ତଥା ଭାରତୀୟ ସମୀକ୍ଷା ଏବଂ ଲେଖା ବିଭାଗ ଦ୍ୱାରା ଅଡିଟିଂ ଷ୍ଟାଣ୍ଡାର୍ଡରେ ବର୍ଣ୍ଣିତ ହୋଇଛି ।

## 1.4 ସମୀକ୍ଷାର ଯୋଜନା ଏବଂ ସଞ୍ଚାଳନ

ବାର୍ଷିକ ସମୀକ୍ଷା ଯୋଜନା ଅନୁଯାୟୀ ଅନୁପାଳନ ସମୀକ୍ଷା ସଞ୍ଚାଳନ କରାଯାଇଥାଏ । ଶୀର୍ଷ ୟୁନିଟ୍, ସମୀକ୍ଷା ୟୁନିଟ୍ ଓ କାର୍ଯ୍ୟକାରୀ ସଂସ୍ଥା ଗୁଡ଼ିକର ଆର୍ଥିକ ଗୁରୁତ୍ୱ, ସାମାଜିକ ପ୍ରାଥମିକତା/ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥା, ଅତୀତରେ ଘଟିଥିବା ତୋଷାରପାତ, ଅର୍ଥର ଅପବ୍ୟବହାର, ଅର୍ଥ ଆତ୍ମସାତ, ଇତ୍ୟାଦି ସହ ଜଡ଼ିତ ସାମ୍ଭାବ୍ୟ ତ୍ରୁଟିର ଆକଳନ ତଥା ପୂର୍ବ ସମୀକ୍ଷାର ଫଳାଫଳ ଆଧାରରେ ଅନୁପାଳନ ସମୀକ୍ଷା ପାଇଁ ୟୁନିଟ୍ ଚୟନ କରାଯାଇଥାଏ ।

ସମୀକ୍ଷା ସମାପ୍ତି ପରେ, ୟୁନିଟର ମୁଖ୍ୟକୁ ନିରୀକ୍ଷଣ ରିପୋର୍ଟ ଜାରି କରାଯାଏ । ପ୍ରାପ୍ତ ଉତ୍ତର ଆଧାରରେ ସମୀକ୍ଷା ସିଦ୍ଧାନ୍ତ ଗୁଡ଼ିକୁ ବ୍ୟବସ୍ଥିତ କରାଯାଏ କିମ୍ବା ଅନୁପାଳନ ପାଇଁ ପୁନଶ୍ଚ ଉପଦେଶ ଦିଆଯାଏ । ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ସିଦ୍ଧାନ୍ତ ଗୁଡ଼ିକୁ ସମୀକ୍ଷା ପ୍ରତିବେଦନରେ ଅନ୍ତର୍ଭୁକ୍ତ କରିବା ନିମିତ୍ତ ଏହା ଡ୍ରାଫ୍ଟ ଅନୁଚ୍ଛେଦ ଭାବରେ ପୁନଶ୍ଚ ପ୍ରୋସେସ୍ କରାଯାଏ ।

---

2 ଏକ ରାଶିର ଏକତ୍ରିକୃତ ପାଣ୍ଠିରୁ ହୋଇଥିବା ସମସ୍ତ ଖର୍ଚ୍ଚ (ଖ) ଆକସ୍ମିକ ପାଣ୍ଠି ଓ ପବ୍ଲିକ୍ ଆକାଉଣ୍ଟସ୍ ସମ୍ପର୍କିତ ସମସ୍ତ ଦେଣନେଣ ଏବଂ (ଗ) ସମସ୍ତ ବାଣିଜ୍ୟ, ପ୍ରସ୍ତୁତିକାରୀ ଲାଭ ଓ କ୍ଷତି ଆକାଉଣ୍ଟ, ବାଲାନ୍ସ ସିଟ୍ ଓ ଅନ୍ୟାନ୍ୟ ସହାୟକ ଖାତା ଗୁଡ଼ିକର ସମୀକ୍ଷା

3 ରାଜ୍ୟ ବିଧାନ ସଭା ଦ୍ୱାରା କିମ୍ବା ପ୍ରଣୀତ ଆଇନ୍ ଅଧିନରେ ପ୍ରତିଷ୍ଠିତ ନିଗମ (କମ୍ପାନୀ ନୁହେଁ) ଗୁଡ଼ିକର ହିସାବର, ସଂପୃକ୍ତ ଆଇନ୍ କିମ୍ବା ଜନସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟର ରାଜପାଳଙ୍କ ଅନୁରୋଧ ଅନୁଯାୟୀ ସମୀକ୍ଷା

4 ରୋଜଗାର ସୃଷ୍ଟି, ଦାରିଦ୍ର୍ୟ ଦୂରୀକରଣ, ସାକ୍ଷରତା ବିସ୍ତାର, ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ଓ ରୋଗ ପ୍ରତିରୋଧ ପରିବେଶ ଇତ୍ୟାଦି ନିମନ୍ତେ ଉଦ୍ଦିଷ୍ଟ ଯୋଜନା ଗୁଡ଼ିକର କାର୍ଯ୍ୟାନ୍ୱୟନ ପାଇଁ ପ୍ରତିଷ୍ଠା କରାଯାଇଥିବା ଏବଂ ସରକାରଙ୍କ ଦ୍ୱାରା ବହୁ ପରିମାଣର ଆର୍ଥିକ ସହାୟତା ପ୍ରଦାନ କରିବାର ଥିବା ଅନେକ ଅଣ-ବାଣିଜ୍ୟିକ/ ସ୍ୱୟଂଶାସିତ/ ଅର୍ଦ୍ଧ-ସ୍ୱୟଂଶାସିତ ସଂସ୍ଥାଗୁଡ଼ିକର ଧାରା 14 ଅଧିନରେ ସମୀକ୍ଷା କରାଯାଏ ।

ଅନୁଚ୍ଛେଦ ଗୁଡ଼ିକୁ ସମୀକ୍ଷା ପ୍ରତିବେଦନରେ ଅନ୍ତର୍ଭୁକ୍ତ କରିବା ସମୟରେ ବିଭାଗ ଗୁଡ଼ିକ ଦ୍ୱାରା ପ୍ରଦତ୍ତ ଯଥାରୀତି ଉତ୍ତର ତଥା ପ୍ରସ୍ଥାନ ସମ୍ମିଳନୀରେ ବିଭାଗ ମୁଖ୍ୟଙ୍କ ଦ୍ୱାରା କରାଯାଇଥିବା ମତଗୁଡ଼ିକୁ ଯତ୍ନପୂର୍ବକ ବିଚାରକୁ ନିଆଯାଏ, ଭାରତୀୟ ସମ୍ବିଧାନର ଧାରା 151 ଅନୁଯାୟୀ ସମୀକ୍ଷା ପ୍ରତିବେଦନ ରାଜ୍ୟ ବିଧାନ ସଭାର ଉପସ୍ଥାପନ କରାଯାଏ ।

## 1.5 ଅନୁପାଳନ ସମୀକ୍ଷା ସମୟରେ ଗୁରୁତ୍ୱପୂର୍ଣ୍ଣ ଅଡିଟ୍ ପର୍ଯ୍ୟବେକ୍ଷଣ

ଅଡିଟ୍ ସମୟରେ ଗୁରୁତ୍ୱପୂର୍ଣ୍ଣ ତ୍ରୁଟିଗୁଡ଼ିକ ସହିତ ସରକାରୀ ଅର୍ଥର ତୋଷରପାତ, ରାଜସ୍ୱ ହ୍ରାସ, ସମ୍ପତ୍ତିର ନିଷ୍କ୍ରିୟତା, ଅପଚୟ ଖର୍ଚ୍ଚ ଇତ୍ୟାଦି ବିଭିନ୍ନ ବିଭାଗଗୁଡ଼ିକରେ ଦେଖାଯାଇଥିଲା, ଯାହାକି ରାଜ୍ୟ ସରକାରଙ୍କ କାର୍ଯ୍ୟ ଦକ୍ଷତାକୁ ପ୍ରଭାବିତ କରିଥିଲା । ଏହି ଗୁରୁତ୍ୱପୂର୍ଣ୍ଣ ଅଡିଟ୍ ଫଳାଫଳ ଗୁଡ଼ିକ ଅଧ୍ୟାୟ-II ରେ ପ୍ରତିବେଦିତ ହୋଇଛି । ଏହି ସମ୍ବନ୍ଧୀୟ ମୁଖ୍ୟ ମନ୍ତବ୍ୟ ଗୁଡ଼ିକ ନିମ୍ନରେ ଦର୍ଶାଯାଇଛି:

### *1.5.1 ଓଡ଼ିଶା ରାଜ୍ୟ ମେଡିକାଲ କର୍ପୋରେସନ ଲିମିଟେଡ୍ ଦ୍ୱାରା ଔଷଧ ଚିକିତ୍ସା ଉପଯୋଗୀ ସାମଗ୍ରୀ ଏବଂ ଯନ୍ତ୍ରପାତିର କ୍ରୟ ଓ ବଣ୍ଟନ*

ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ (ଏଚ୍ଆଣ୍ଡଏଫ୍ଡବ୍ଲୁ) ବିଭାଗରେ ଓଡ଼ିଶା ରାଜ୍ୟ ମେଡିକାଲ କର୍ପୋରେସନ (ଓଏସ୍ଏମ୍ସିଏଲ୍) ଏକ ସ୍ୱାଧୀନ କ୍ରୟକାରୀ ସଂସ୍ଥା । ନିରପେକ୍ଷ, ସ୍ୱଚ୍ଛ ଓ ପ୍ରତିଯୋଗିତାମୂଳକ ଟେଣ୍ଡର ପ୍ରକ୍ରିୟାରେ ଗୁଣାତ୍ମକ ଔଷଧ, ଶଲ୍ୟ ଚିକିତ୍ସା ସାମଗ୍ରୀ, ଯନ୍ତ୍ରପାତି, ଉପକରଣ, ଆସବାବପତ୍ର ଇତ୍ୟାଦି ଠିକ୍ ସମୟରେ କ୍ରୟ କରିବା ଓଏସ୍ଏମ୍ସିଏଲ୍ ର ମୁଖ୍ୟ କାର୍ଯ୍ୟ ।

2016-19 ମଧ୍ୟରେ ଓଏସ୍ଏମ୍ସିଏଲ୍ ଦ୍ୱାରା କ୍ରୟ ଓ ବଣ୍ଟନ ପ୍ରକ୍ରିୟାର ସମୀକ୍ଷାରୁ ଅବଗତ ତଥ୍ୟ ନିମ୍ନରେ ଦର୍ଶାଗଲା:

- ଔଷଧ ଓ ଚିକିତ୍ସା ସାମଗ୍ରୀ ପାଇଁ ବାର୍ଷିକ ସଂଗ୍ରହଣ ଯୋଜନା ଚୂଡ଼ାନ୍ତ କରିବାରେ ପାଞ୍ଚରୁ ସାତ ମାସ ଏବଂ ଉପକରଣ, ଯନ୍ତ୍ରପାତ ଓ ଆସବାବପତ୍ର (ଇଆଇଏଫ୍) କ୍ଷେତ୍ରରେ ଛଅ ରୁ 17 ମାସ ଅଯଥା ବିଳମ୍ବ ହୋଇଥିଲା । ସଂଗ୍ରହଣ ଯୋଜନାର ଚୂଡ଼ାନ୍ତକରଣରେ ବିଳମ୍ବ, ସଂଗ୍ରହଣ ପ୍ରକ୍ରିୟା ଏବଂ ଚିକିତ୍ସାଳୟ ଗୁଡିକୁ ଔଷଧ ଓ ଚିକିତ୍ସା ସାମଗ୍ରୀ ଯୋଗାଣକୁ ପ୍ରଭାବିତ କରିଥିଲା ।

  ***(ଅନୁଚ୍ଛେଦ 2.1.2)***

- 2016-19 ମଧ୍ୟରେ ଉଦ୍ଦିଷ୍ଟ/ ଅନୁମୋଦିତ 692.97 କୋଟି ୟୁନିଟ୍ ବିପକ୍ଷରେ ଓଏସ୍ଏମ୍ସିଏଲ୍ ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡ଼ିକୁ 336.94 କୋଟି (49 ପ୍ରତିଶତ) ୟୁନିଟର ଔଷଧ ଓ ଚିକିତ୍ସା ସାମଗ୍ରୀ ଯୋଗାଇଥିଲା । ଉଦ୍ଦିଷ୍ଟ ପରିମାଣର ଯୋଗାଣ ନହେବା ଫଳରେ ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡ଼ିକର ଦରକାରୀ ଔଷଧର ଅଭାବ ପରିଲକ୍ଷିତ ହୋଇଥିଲା ଯାହାଦ୍ୱାରା ଅତ୍ୟାବଶ୍ୟକ ଏବଂ ଗୁରୁତ୍ୱପୂର୍ଣ୍ଣ ଔଷଧ ଗୁଡ଼ିକ ଅଧିକ ମୂଲ୍ୟର ସ୍ଥାନୀୟ ବଜାରରୁ କ୍ରୟ କରାଯାଇଥିଲା ।

  ***(ଅନୁଚ୍ଛେଦ 2.1.3)***

- ଔଷଧ ଓ ଚିକିତ୍ସା ସାମଗ୍ରୀ ଯୋଗାଣ ପାଇଁ 3,471 ଟି କ୍ରୟ ଆଦେଶ (ପିଓ) ସ୍ଥଳେ 791 ଟି (23 ପ୍ରତିଶତ) ପିଓ ଆଂଶିକ ନିଷ୍ପାଦିତ ହୋଇଥିଲା ଏବଂ 252 ଟି (7 ପ୍ରତିଶତ) ପିଓ ଆଦୌ ନିଷ୍ପାଦିତ ହୋଇନଥିଲା, ଯାହାଫଳରେ ସ୍ୱାସ୍ଥ୍ୟ ଅନୁଷ୍ଠାନ ଗୁଡ଼ିକୁ ଔଷଧ ଓ ଚିକିତ୍ସା ସାମଗ୍ରୀ କମ୍ ଯୋଗାଣ ହୋଇଥିଲା ।

  ***(ଅନୁଚ୍ଛେଦ 2.1.4)***

- ଅପ୍ରେଲ 2017 ଠାରୁ ମଇ 2019 ମଧ୍ୟରେ, ସଠିକ ଭାବରେ ଷ୍ଟକ୍ ପରିଚାଳନା ହୋଇ ନଥିବା ହେତୁ 4.18 କୋଟି ଟଙ୍କାର 349 ପ୍ରକାରର ଔଷଧର ବୈଧତା ସମୟ ସମାପ୍ତି ହୋଇଯାଇଥିଲା । ଇ-ନିରାମୟ ସଫ୍ଟୱେୟାର ଇଣ୍ଡେଣ୍ଟର ପ୍ରଭାବହୀନ ପର୍ଯ୍ୟାଲୋଚନା, ବଣ୍ଟନ, ବ୍ୟବହାର ଓ ଔଷଧର ଷ୍ଟକ୍ ସ୍ଥିତି ଯୋଗୁ ଔଷଧର ବୈଧତା ସମୟ ସୀମା ସମାପ୍ତ ହୋଇଥିଲା ।

***(ଅନୁଚ୍ଛେଦ 2.1.6)***

- ଓଏସ୍ଏମ୍ସିଏଲ୍ ଦ୍ୱାରା ଔଷଧ ଓ ଚିକିତ୍ସା ସାମଗ୍ରୀର କମ୍ ଯୋଗାଣ ହେତୁ ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡ଼ିକ ସ୍ଥାନୀୟ ବଜାରରୁ ଅଧିକ ଦରରେ କିଣିବା ଫଳରେ ଅଧିକ ଖର୍ଚ୍ଚ ବହନ କରିଥିଲେ । 2018-19 ମଧ୍ୟରେ ନମୁନା ଯାଞ୍ଚ ସ୍ୱାସ୍ଥ୍ୟ ଅନୁଷ୍ଠାନ ଗୁଡ଼ିକ 2.24 କୋଟି ଟଙ୍କାର ଔଷଧ କିଣିବାରୁ 98.12 ଲକ୍ଷ ଟଙ୍କା (44 ପ୍ରତିଶତ) ଅଧିକ ଖର୍ଚ୍ଚ ହୋଇଥିଲା ।

***(ଅନୁଚ୍ଛେଦ 2.1.7)***

- 2016-19 ମଧ୍ୟରେ, ଓଏସ୍ଏମ୍ସିଏଲ୍ ଅନୁମୋଦିତ ପରିମାଣ ବିପକ୍ଷରେ ମାତ୍ର 43 ପ୍ରତିଶତ ଇଆଇଏଫ୍ କ୍ରୟ କରିଥିଲା । ଜୁନ୍ 2019 ସୁଦ୍ଧା, କିଣାଯାଇଥିବା ଇଆଇଏଫ୍‌ର 19 ପ୍ରତିଶତ ସ୍ଥାପନା କରାଯାଇନଥିଲା ଏବଂ ଏଗୁଡ଼ିକ ବିଭିନ୍ନ ସଂସ୍ଥା ପାଖରେ ଅବ୍ୟବହୃତ ହୋଇ ପଡ଼ିରହିଥିଲା ।

***(ଅନୁଚ୍ଛେଦ 2.1.8)***

- 22 ପ୍ରତିଶତ ନମୁନା ଔଷଧର ଗୁଣବତ୍ତା ଯାଞ୍ଚ ରିପୋର୍ଟ 16 ରୁ 244 ଦିନ ବିଳମ୍ବରେ ଗ୍ରହଣ ହୋଇଥିଲା ଯାହାଫଳରେ ଔଷଧଗୁଡ଼ିକ ସ୍ୱାସ୍ଥ୍ୟ ସୁବିଧା ପାଇଁ ଯୋଗାଣ ନହୋଇ ସଂଗରୋଧରେ ରହିଥିଲା । ଯୋଗାଣକାରୀମାନଙ୍କ ଦ୍ୱାରା ନିମ୍ନମାନର ଔଷଧଗୁଡ଼ିକୁ ବଦଳା ନ ଯିବାର ଦୃଷ୍ଟାନ୍ତ ମଧ ଦେଖିବାକୁ ମିଳିଥିଲା ।

***(ଅନୁଚ୍ଛେଦ 2.1.10)***

- ଅନଲାଇନ୍ ଭଣ୍ଡାର ପରିଚାଳନା ବ୍ୟବସ୍ଥା (ଇ-ନିରାମୟ)ରେ ଔଷଧ ଓ ଚିକିତ୍ସା ସାମଗ୍ରୀର ବଣ୍ଟନର ପରିଚାଳନା ପର୍ଯ୍ୟାପ୍ତ ଓ ପ୍ରଭାବଶାଳୀ ନଥିଲା । ଏଚ୍ଆଣ୍ଡଏଫ୍‌ଡବ୍ଲୁ ବିଭାଗ/ ରାଜ୍ୟ ଔଷଧ ପରିଚାଳନା ୟୁନିଟ୍/ ଓଏସ୍ଏମ୍ସିଏଲ୍/ ସ୍ୱାସ୍ଥ୍ୟ ସଂସ୍ଥାଗୁଡ଼ିକ ସ୍ତରରେ ସଠିକ ପରିକଳ୍ପନାର ଅଭାବ ହେତୁ ଜରୁରୀ ଔଷଧର ଅଭାବ ଓ ଅବ୍ୟବହୃତ ଔଷଧର ସମୟ ସୀମା ସମାପ୍ତ ଓ ଅଧିକ ପରିମାଣର ଯୋଗାଣ ହେତୁ ସମ୍ବଳର ଅପଚୟ ହୋଇଥିଲା ।

***(ଅନୁଚ୍ଛେଦ 2.1.13)***

### *1.5.2 ରାଜ୍ୟରେ ଦିନ୍ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାର କାର୍ଯ୍ୟକାରିତା*

ଭାରତ ସରକାର (ଜିଓଆଇ) ଜାତୀୟ ଗ୍ରାମୀଣ ଜୀବିକା ମିଶନର ଏକ ଅଂଶ ଭାବେ ଦୀନ୍ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା (ଡିଡିୟୁ ଜିକେୱାଇ) ନାମକ ଏକ ଯୁବ ରୋଜଗାର ଯୋଜନା ସେପ୍ଟେମ୍ବର 2014 ରେ ପ୍ରଚଳନ କରିଥିଲେ । ଗ୍ରାମୀଣ ଯୁବକଙ୍କୁ ଦକ୍ଷତା ଓ ନିୟମିତ ମାସିକ ବେତନ ଯୋଗାଇବା ଏହାର ଉଦ୍ଦେଶ୍ୟ ଥିଲା । ଏହି ଯୋଜନାରେ ତାଲିମ ପାଇଁ 60 ପ୍ରତିଶତ ଖର୍ଚ୍ଚ ଭାରତ ସରକାର ପ୍ରଦାନ କରିଥିଲେ ଓ ବଳକା 40 ପ୍ରତିଶତ ରାଜ୍ୟ ସରକାର ବହନ କରିଥିଲେ ।

ଓଡ଼ିଶା ଗ୍ରାମୀଣ ବିକାଶ ଓ ବଜାର ସମିତି (ଓରମାସ) ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରଶାସନିକ ନିୟନ୍ତ୍ରଣରେ ଏକ ପଞ୍ଜିକୃତ ସମିତି ଅଟେ ଏବଂ ଏହା ରାଜ୍ୟରେ ଏହି ଯୋଜନାର କାର୍ଯ୍ୟକାରିତା ପାଇଁ ଉଦ୍ଦିଷ୍ଟ ଅଟେ । ଚାକିରୀ ଭିତ୍ତିକ ଦକ୍ଷତା ବିକାଶ ପାଠ୍ୟକ୍ରମର ତାଲିମ ଓ ଚାକିରୀର ନିଶ୍ଚିତତା ପାଇଁ ଓରମାସ ପ୍ରକଳ୍ପ

କାର୍ଯ୍ୟକାରୀ ସଂସ୍ଥା (ପିଆଇଏସ) ଗୁଡ଼ିକ ନିଯୁକ୍ତି କରିଥିଲା । ଓଡ଼ିଶାରେ ଏହି ଯୋଜନାର କାର୍ଯ୍ୟକାରିତା ଉପରେ ଅଡିଟ୍ ଯାଞ୍ଚରେ ନିମ୍ନଲିଖିତ ଅଭାବଗୁଡ଼ିକ ଦେଖାଯାଇଥିଲା:

- ପ୍ରକଳ୍ପ ଅନୁମୋଦନ କମିଟି ପ୍ରକଳ୍ପର ଆବଶ୍ୟକୀୟ ଗୁଣବତ୍ତାର ମୂଲ୍ୟାଙ୍କନକୁ ପରିକଳ୍ପନା ନ କରି 76.34 କୋଟି ଟଙ୍କାର ଚାରୋଟି ତାଲିମ ପ୍ରକଳ୍ପକୁ ଅନୁମୋଦନ କରିଥିଲା । ଯାହକି ଗ୍ରାମୀଣ ବିକାଶ ମନ୍ତ୍ରାଳୟରେ ଥିବା ପ୍ରଣାଳୀକୁ ଉଲ୍ଲଙ୍ଘନ କରୁଥିଲା । ଚୁକ୍ତି ଅନୁଯାୟୀ, ପିଆଇଏଗୁଡିକ ପ୍ରାର୍ଥୀମାନଙ୍କୁ ଚାକିରୀ ଯୋଗାଇବାରେ ବିଫଳ ହୋଇଥିବା ସତ୍ତ୍ୱେ ସେପ୍ଟେମ୍ବର 2019 ସୁଦ୍ଧା ପିଆଇଏଗୁଡ଼ିକୁ 41.09 କୋଟି ଟଙ୍କା ପ୍ରଦାନ କରାଯାଇଥିଲା ।

***(ଅନୁଚ୍ଛେଦ 2.2.2.1)***

- ଯଦିଓ ଚାରୋଟି ପିଆଇଏ ମାତ୍ର 25.20 କୋଟି ଟଙ୍କାର ପ୍ରକଳ୍ପଗୁଡ଼ିକ ପାଇଁ ଯୋଗ୍ୟ ଥିବା ସତ୍ତ୍ୱେ, ସେପ୍ଟେମ୍ବର 2016 ଓ ସେପ୍ଟେମ୍ବର 2018 ମଧ୍ୟରେ ସେମାନଙ୍କୁ 102.13 କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର କରାଯାଇଥିଲା । ତେଣୁ ପିଆଇଏଗୁଡ଼ିକୁ ସେମାନଙ୍କର ଆର୍ଥିକ ଯୋଗ୍ୟତାଠାରୁ ଅଧିକ ମୂଲ୍ୟର ପ୍ରକଳ୍ପଗୁଡ଼ିକ ଦିଆଯିବା ଫଳରେ ବେସରକାରୀ ସଂସ୍ଥାଗୁଡ଼ିକୁ ଅଯଥା ଆର୍ଥିକ ସୁବିଧା ଯୋଗାଇ ଦିଆଯାଇଥିଲା ।

***(ଅନୁଚ୍ଛେଦ 2.2.2.2)***

- ପ୍ରକଳ୍ପ ଅନୁମୋଦନ କମିଟିର ଅନୁମୋଦନ ବିନା 39.09 କୋଟି ଟଙ୍କାର ଚତୁର୍ଥ ପ୍ରକଳ୍ପ ଦୁଇଟି ପିଆଇଏକୁ ମଇ 2018 ରେ ଅନିୟମିତ ଭାବେ ମଞ୍ଜୁର କରାଯାଇଥିଲା ଏବଂ ସେପ୍ଟେମ୍ବର 2019 ସୁଦ୍ଧା 16.45 କୋଟି ଟଙ୍କା ଦିଆଯାଇଥିଲା । ଗୋଟିଏ ପିଆଇଏ ବିରୋଧରେ ମିଥ୍ୟା ନିଯୁକ୍ତି ଅଭିଯୋଗ ଏବଂ କମ କାର୍ଯ୍ୟଦକ୍ଷତା ହେତୁ ଅନ୍ୟ ପିଆଇଏର ପ୍ରଥମ ପ୍ରକଳ୍ପଟି ବନ୍ଦ ହୋଇଯାଇଥିବା ସତ୍ତ୍ୱେ ପ୍ରକଳ୍ପଗୁଡିକୁ ସେମାନଙ୍କୁ ପ୍ରଦାନ କରାଯାଇଥିଲା ।

***(ଅନୁଚ୍ଛେଦ 2.2.2.3)***

- ପୂର୍ବ ପ୍ରକଳ୍ପ ଠାରୁ ଅଧିକ କାର୍ଯ୍ୟଦକ୍ଷତା ରିପୋର୍ଟ ଦାଖଲ କରି ସେମାନଙ୍କର ପରବର୍ତ୍ତୀ ପ୍ରକଳ୍ପ ପାଇଁ ତିନୋଟି ପିଆଇଏ ଦରଖାସ୍ତ କରିଥିଲେ । ସେମାନେ ଦାଖଲ କରିଥିବା ତଥ୍ୟ ଓ ପ୍ରକୃତ କାର୍ଯ୍ୟଦକ୍ଷତାକୁ ଯାଞ୍ଚ ନ କରି ଓରମାସ ଜାନୁଆରୀ 2016 ଠାରୁ ନଭେମ୍ବର 2016 ମଧ୍ୟରେ 33.04 କୋଟି ଟଙ୍କାର ନୂତନ ପ୍ରକଳ୍ପ ଗୁଡ଼ିକୁ ଅନୁମୋଦନ କରିଥିଲା ।

***(ଅନୁଚ୍ଛେଦ 2.2.2.4)***

- 12 ଟି ପିଆଇଏ ଦ୍ୱାରା ନିଯୁକ୍ତି ଦିଆଯାଇଥିବା 481 ପ୍ରାର୍ଥୀଙ୍କ ନିଯୁକ୍ତି ସମ୍ପର୍କିତ ନଥିର ନମୁନା ଯାଞ୍ଚରୁ ଦେଖାଗଲା ଯେ ତିନୋଟି ପିଆଇଏଙ୍କ ଦ୍ୱାରା ପ୍ରଦତ୍ତ 112 ପ୍ରାର୍ଥୀଙ୍କର (23 ପ୍ରତିଶତ ) ବ୍ୟାଙ୍କ ବିବରଣୀ/ ବ୍ୟାଙ୍କ ପାସ୍ ବୁକ୍ ଗୁଡ଼ିକର ପ୍ରାମାଣିକତା ସନ୍ଦେହଜନକ ଥିଲା । ସେଥିରେ ଲିଖିତ ବ୍ୟାଙ୍କ ଖାତାର ସଂଖ୍ୟାରେ ଆବଶ୍ୟକତା ଠାରୁ ଅଧିକ ସଂଖ୍ୟା, ଗାଣିତିକ ଅମେଳ, କାରବାର ତାରିଖରେ କାଳାନୁକ୍ରମର ଅଭାବ, ମୂଳ ପାଶ୍ ବହିର ଅକ୍ଷରର ଭିନ୍ନତା ଇତ୍ୟାଦି ତ୍ରୁଟି ଦେଖାଯାଇଥିଲା ।

***(ଅନୁଚ୍ଛେଦ 2.2.3.1)***

- ଭାରତ ସରକାରଙ୍କ ଶ୍ରମ ଓ ରୋଜଗାର ମନ୍ତ୍ରାଳୟର କର୍ମଚାରୀ ଭବିଷ୍ୟନିଧି ସଗଠନର ୱେବସାଇଟ୍‌ରେ ଥିବା 1,286 ଜଣ ପ୍ରାର୍ଥୀଙ୍କର ନିଯୁକ୍ତି/ ତଥ୍ୟର ଯାଞ୍ଚରୁ ଦେଖାଗଲା ଯେ 705

ଜଣ ପ୍ରାର୍ଥୀ (55 ପ୍ରତିଶତ) ସେମାନଙ୍କର ତାଲିମ ସମୟରେ ନିଯୁକ୍ତି ପାଇସାରିଥିଲେ । ତେଣୁ, ଦର୍ଶାଯାଇଥିବା ନିଯୁକ୍ତି ସଂଖ୍ୟାର ବିଶ୍ୱାସନିୟତା ସନ୍ଦେହଜନକ । ପିଆଇଏଗୁଡ଼ିକ ଏହି ପ୍ରାର୍ଥୀମାନଙ୍କର ତାଲିମ ଓ ନିଯୁକ୍ତି ନିମିତ୍ତ 22.69 କୋଟି ଟଙ୍କା ପ୍ରାପ୍ତ କରିଥିଲେ ।

***(ଅନୁଚ୍ଛେଦ 2.2.3.3)***

- ପ୍ରତିବର୍ଷ ପ୍ରାର୍ଥୀମାନଙ୍କର ତାଲିମ ନେବା ଆଧାରରେ ପିଆଇଏଗୁଡ଼ିକୁ ଅଗ୍ରୀମ ମଞ୍ଜୁର କରାଯାଇଥାଏ । ଯେତେବେଳେ ଗୋଟିଏ ପିଆଇଏ ପ୍ରଥମ ବର୍ଷରେ 1,100 ପ୍ରାର୍ଥୀଙ୍କ ତାଲିମ ଦେବାକୁ କାର୍ଯ୍ୟସୂଚୀ ଦାଖଲ କରିଥିଲା ଏବଂ 3.30 କୋଟି ଟଙ୍କା ପ୍ରଥମ କିସ୍ତି ରୂପରେ ପାଇବାକୁ ଯୋଗ୍ୟ ଥିଲା ସେତେବେଳେ ଓରମାସ ଦୁଇ ବର୍ଷର ଲକ୍ଷ୍ୟକୁ ଧ୍ୟାନ ରଖି 6.60 କୋଟି ଟଙ୍କା ଦେଇଥିଲା, ଯାହାଫଳରେ ଅଯଥା ଅନୁକମ୍ପା ପ୍ରଦର୍ଶନ କରିଥିଲା ।

***(ଅନୁଚ୍ଛେଦ 2.2.4.3)***

- ପିଆଇଏଗୁଡ଼ିକର କାର୍ଯ୍ୟଦକ୍ଷତାର ଯାଞ୍ଚରେ ଅନିୟମିତତା ରହିଥିବାର ଉଦାହରଣ ଦେଖାଯାଇଥିଲା ଯେପରିକି କର୍ମଚାରୀ ରାଜ୍ୟ ବୀମା କର୍ପୋରେସନ (ଇଏସ୍ଆଇସି)ର ପ୍ରଦତ୍ତ ମିଥ୍ୟା ତଥ୍ୟ ତଥା ଜାଲ୍ ବ୍ୟାଙ୍କ ବିବରଣୀକୁ ଗ୍ରହଣ କରିନେବା, ନିଯୁକ୍ତି ସମ୍ପର୍କିତ ନାବାର୍ଡ କନସଲ୍‌ଟାନ୍‌ସି ସର୍ଭିସ୍ ପ୍ରାଇଭେଟ୍ ଲିମିଟେଡ୍ (ଏନ୍ଏବିସିଓଏନ୍ଏସ୍)ର ପ୍ରଦତ୍ତ ରିପୋର୍ଟକୁ ଅଗ୍ରାହ୍ୟ କରିବା ଇତ୍ୟାଦି । ଫଳସ୍ୱରୂପ, ପାଞ୍ଚଟି ପିଆଇଏକୁ 10.83 କୋଟି ଟଙ୍କା ଅଧିକ ପ୍ରଦାନ କରାଯାଇଥିଲା ।

***(ଅନୁଚ୍ଛେଦ 2.2.4.4)***

### *1.5.3 ଅନ୍ୟାନ୍ୟ ଅନୁପାଳନ ସମୀକ୍ଷା ପର୍ଯ୍ୟବେକ୍ଷଣ*

- ମୃତ ହିତାଧିକାରୀଙ୍କ ନାମରେ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ, ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ମାନଙ୍କର ବର୍ଷ ବର୍ଷ ଧରି ପାଣ୍ଠି ଫେରସ୍ତ ନକରିବା ଏବଂ ନଥିଗୁଡ଼ିକର ହେରଫେର ଫଳରେ 10.72 ଲକ୍ଷ ସରକାରୀ ଟଙ୍କା ଆତ୍ମସାତ୍ ହୋଇଥିବା ସନ୍ଦେହ କରାଯାଇଥିଲା ।

***(ଅନୁଚ୍ଛେଦ 2.3)***

- ଯଥାର୍ଥ କ୍ଷତିପୂରଣ ଏବଂ ସ୍ୱଚ୍ଛତାର ଅଧିକାର ପାଇଁ ଜମି ଅଧିଗ୍ରହଣ, ଥଇଥାନ ଏବଂ ପୁନର୍ବସତି ଅଧିନିୟମ 2013 ର ଧାରା 26 ର ବିପକ୍ଷରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଫେବୃଆରୀ 2014 ରେ ବଜାର ମୂଲ୍ୟ ନିର୍ଣ୍ଣୟର ତାରିଖ 1 ଜାନୁଆରୀ 2014 ଭାବେ ଲାଗୁ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଜମି ଅଧିଗ୍ରହଣ ଅଧିକାରୀ, ଛତ୍ରପୁରଙ୍କ ଦ୍ୱାରା ଜମିର ବଜାର ମୂଲ୍ୟ ନିର୍ଦ୍ଧାରଣର ତାରିଖକୁ ଭୁଲ ଭାବେ ଲାଗୁ କରିବାରୁ 29.45 କୋଟି ଟଙ୍କାର ଅଧିକ କ୍ଷତିପୂରଣ ପ୍ରଦାନ କରାଯାଇଥିଲା ।

***(ଅନୁଚ୍ଛେଦ 2.4)***

- ଏକ ଆଉଟସୋର୍ସିଙ୍ଗ୍ ସଂସ୍ଥା ଭିଏଯାନସ୍ ଗ୍ଲୋବାଲ ସର୍ଭିସେସ୍ ଲିମିଟେଡ୍, ଚୁକ୍ତିନାମା ଅନୁଯାୟୀ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷର ନିର୍ମାଣ ଯୋଜନାର ସଂପୂର୍ଣ୍ଣ ସ୍ୱୟଂଚାଳିତା ପ୍ରକ୍ରିୟାର ଆଇଟି ସମାଧାନ ବିକାଶ କରିନଥିଲା । ଏହି ଚୁକ୍ତିନାମାର ଉଲ୍ଲଙ୍ଘନ ସତ୍ତ୍ୱେ, କର୍ତ୍ତୃପକ୍ଷ ଚୁକ୍ତିନାମାକୁ ରଦ୍ଦ କରିନଥିଲେ କିମ୍ବା ଫାର୍ମର ବକେୟା ଅର୍ଥକୁ ବ୍ୟାଜାପ୍ତ କରିନଥିଲେ । ଫଳରେ 2.62 କୋଟି ଟଙ୍କାର ନିଷ୍ଫଳ ଖର୍ଚ୍ଚ ହୋଇଥିଲା ।

***(ଅନୁଚ୍ଛେଦ 2.6)***

- ଭୁବନେଶ୍ୱର ମହାନଗର ନିଗମ ନବ ନିର୍ମିତ ଫଳ ବଜାର ସମୂହରେ ଟ୍ରାନ୍ସଫର୍ମରର ସ୍ଥାପନା ପାଇଁ ଜମିର ଉପଲବ୍ଧ ନଥିବାରୁ ଶକ୍ତି ଯୋଗାଣ କରିପାରିନଥିଲା । ବିଦ୍ୟୁତ୍ ଯୋଗାଣ ଅଭାବରୁ 78 ଟି ଦୋକାନ ଭଡ଼ା ସୂତ୍ରରେ ବଣ୍ଟନ କରାଯାଇପାରିନଥିଲା । ଯାହାଫଳରେ 1.13 କୋଟି ଟଙ୍କାର ରାଜସ୍ୱ ହାନି ହୋଇଥିଲା ।

**(*ଅନୁଚ୍ଛେଦ 2.7*)**

- ଲାଇସେନ୍ସ ଦେୟ ଓ ତାହା ଉପରେ ସୁଧ ପ୍ରଦାନ କରିବାରେ ବିଜ୍ଞାପନ ସଂସ୍ଥାର ବିଫଳତା ସତ୍ତ୍ୱେ, ଭୁବନେଶ୍ୱର ମହାନଗର ନିଗମ ବିଜ୍ଞାପନ ସଂସ୍ଥା ସହିତ ଚୁକ୍ତିନାମା ରଦ୍ଦ କରି ନଥିଲେ କିମ୍ବା ବ୍ୟାଙ୍କ ଗ୍ୟାରେଣ୍ଟିକୁ ନଗଦରେ ପରିଣତ କରି ନଥିଲେ । ଏହିପରି ଭାବରେ, ବିଜ୍ଞାପନ ସଂସ୍ଥା ଠାରୁ ବକେୟା 13.02 କୋଟି ଟଙ୍କାର ଆଦାୟ ସମ୍ଭାବନା କ୍ଷୀଣ ଥିଲା ।

**(*ଅନୁଚ୍ଛେଦ 2.8*)**

- ଭାରତର ଆଭ୍ୟନ୍ତରୀଣ ଜଳପଥ କର୍ତ୍ତୃପକ୍ଷଙ୍କ ଦ୍ୱାରା ଗଠିତ ଭୂଲମ୍ବ ଓ ଭୂସମାନ୍ତର ବିକାଶ ନିୟମାବଳୀକୁ ନ ମାନି ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ପରବର୍ତ୍ତୀ ନିର୍ଦ୍ଦେଶାବଳୀକୁ ଅନୁକରଣ ନକରି ଦୁଇଟି ପୋଲର ନିର୍ମାଣ କାର୍ଯ୍ୟ ହୋଇଥିବାରୁ, କାମଟି ମଧ୍ୟ ଭାଗରେ ବନ୍ଦ ହୋଇଯାଇଥିଲା । ଯାହାଫଳରେ 4.22 କୋଟି ଟଙ୍କା ଅପଚୟ ହୋଇଥିଲା ।

**(*ଅନୁଚ୍ଛେଦ 2.11*)**

- ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ଭବନ ପାଇଁ କର୍ମ ସମ୍ପାଦନ ଯୋଜନା ପ୍ରସ୍ତୁତନକରି ନିର୍ମାଣ କରାଯିବା ଫଳରେ, କୋଠାଘରଟି ଅପବ୍ୟବହୃତ ହୋଇ ରହିଥିଲା ଏବଂ ନିର୍ମାଣରେ ଖର୍ଚ୍ଚ ହୋଇଥିବା 5.96 କୋଟି ଟଙ୍କା ନିରର୍ଥକ ହୋଇଥିଲା ।

**(*ଅନୁଚ୍ଛେଦ 2.12*)**

- ଜିନ୍ଦଲ ଇଣ୍ଡିଆ ଥର୍ମାଲ ପାୱାର ଲିମିଟେଡ୍ (ଜେଆଇଟିପିଏଲ) ଜମିର ଅନଧିକୃତ ଦଖଲକାରୀ ହୋଇଥିବା ସତ୍ତ୍ୱେ, ଅନୁଗୁଳ ଜିଲ୍ଲାପାଳ ନଭେମ୍ବର 2017 ରେ ଓଡ଼ିଶା ଶିଳ୍ପ ବିକାଶ ନିଗମ ପକ୍ଷରେ 12 ଏକରର ସରକାରୀ ଜମି ମଞ୍ଜୁର କରିଥିଲେ । ଯାହାକି 3.03 କୋଟି ଟଙ୍କା ପରିବର୍ତ୍ତେ 72.95 ଲକ୍ଷ ଟଙ୍କାର ରିହାତି ମୂଲ୍ୟରେ ଜେଆଇଟିପିଏଲ୍‌କୁ ପରବର୍ତ୍ତୀ ସମୟରେ ସ୍ଥାନାନ୍ତର ହୋଇଥିଲା । ଏଣୁ, ଜେଆଇଟିପିଏଲ୍‌କୁ ଏହି ଲିଜ୍ ମଞ୍ଜୁରୀରେ 2.30 କୋଟି ଟଙ୍କାର ଅନୁଚିତ୍ ଅନୁକମ୍ପା ପ୍ରଦର୍ଶନ କରାଯାଇଥିଲା ।

**(*ଅନୁଚ୍ଛେଦ 2.13*)**

## 1.6 ଅଡିଟକୁ ଜବାବ ପ୍ରଦାନରେ ସରକାରଙ୍କ ତତ୍ପରତାର ଅଭାବ

### *1.6.1 ନିରୀକ୍ଷଣ ରିପୋର୍ଟ ଉପରେ ସରକାରଙ୍କ ଜବାବ ପ୍ରଦାନ*

ଦେଣନେଣରେ ଧାର୍ଯ୍ୟ ନିୟମଗୁଡ଼ିକର ଅନୁପାଳନ ଓ ଧାର୍ଯ୍ୟ ନିୟମ ତଥା ପଦ୍ଧତି ଅନୁଯାୟୀ ଗୁରୁତ୍ୱପୂର୍ଣ୍ଣ ହିସାବ ସମ୍ପର୍କିତ ତଥା ନଥିଗୁଡ଼ିକର ପ୍ରଚଳନ ବିଷୟକୁ ତଦାରଖ କରିବା ନିମନ୍ତେ ମହାଲେଖାକାର (ସାଧାରଣ ଓ ସାମାଜିକ କ୍ଷେତ୍ର, ଲେଖା ପରୀକ୍ଷା) ସରକାରୀ ବିଭାଗ ଗୁଡ଼ିକର ସମୀକ୍ଷା କରିଥାନ୍ତି । ସମୀକ୍ଷା ସମାପ୍ତ ହେବା ପରେ ନିରୀକ୍ଷଣ ରିପୋର୍ଟ (ଆଇଆର) ଗୁଡ଼ିକ ନିରୀକ୍ଷିତ କାର୍ଯ୍ୟାଳୟର ମୁଖ୍ୟଙ୍କ ନିକଟକୁ ପଠାଇବା ସହିତ ଏହାର ନକଲ ପରବର୍ତ୍ତୀ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଯାଇଥାଏ । ନିରୀକ୍ଷଣ ସମୟରେ ଚିହ୍ନଟ କରାଯାଇଥିବା ଗୁରୁତର ଅନିୟମିତତା ଓ ଅନ୍ୟାନ୍ୟ ତ୍ରୁଟି, ଯାହାର ସମାଧାନ ସେହି ସମୟ ମଧ୍ୟରେ

ହୋଇପାରି ନଥାଏ, ସେଗୁଡ଼ିକୁ ନିରୀକ୍ଷଣ ରିପୋର୍ଟରେ ସ୍ଥାନିତ କରାଯାଏ । ମହାଲେଖାକାରଙ୍କ କାର୍ଯ୍ୟାଳୟ ଗୁରୁତର ଅନିୟମିତତାଗୁଡ଼ିକ ବାବଦରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥାନ୍ତି ।

ରେଗୁଲେସନ୍ ଅନ୍ ଅଡିଟ୍ ଆଣ୍ଡ ଆକାଉଣ୍ଟସ୍ 2007 ଅନୁଯାୟୀ ନିରୀକ୍ଷିତ ସଂସ୍ଥା ଦାୟିତ୍ୱରେ ଥିବା ଅଧିକାରୀ ନିରୀକ୍ଷଣ ରିପୋର୍ଟ ସମ୍ପର୍କିତ ଜବାବ[5] ରିପୋର୍ଟ ହସ୍ତଗତ ହେବାର ଚାରି ସପ୍ତାହ ମଧ୍ୟରେ ଦାଖଲ କରିବା ଆବଶ୍ୟକ । ଅଡିଟ୍ ଦ୍ୱାରା ଆଗତ କରାଯାଇଥିବା କୌଣସି ଗୁରୁତର ତ୍ରୁଟିକୁ ପ୍ରାଥମିକ ତଦନ୍ତ କରି ମାମଲାର ସତ୍ୟାସତ୍ୟକୁ ସ୍ୱୀକାର କିମ୍ବା ଅସ୍ୱୀକାର କରିବା ବିଷୟକୁ ଅବଗତ ହେବାର ଛଅ ସପ୍ତାହ ମଧ୍ୟରେ ସରକାର ଅଡିଟକୁ ଜଣାଇବା ଆବଶ୍ୟକ । ପ୍ରାଥମିକ ରିପୋର୍ଟରେ ମାମଲାରେ ସତ୍ୟତାକୁ ଅସ୍ୱୀକାର ନକରିବା କ୍ଷେତ୍ରରେ ସରକାର ପ୍ରାଥମିକ ରିପୋର୍ଟର ତିନି ମାସ ମଧ୍ୟରେ ତ୍ରୁଟିର ପୁନରାବୃତ୍ତିକୁ ରୋକିବା ପାଇଁ ନେଇଥିବା ପ୍ରତିକାରାତ୍ମକ ପଦକ୍ଷେପ ଓ ତ୍ରୁଟି ପାଇଁ ଦାୟୀ କର୍ମଚାରୀଙ୍କ ବିରୋଧରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ବିଷୟକୁ ସୂଚିତ ପୂର୍ବକ ଏକ ବିସ୍ତୃତ ରିପୋର୍ଟ ଅଡିଟକୁ ପ୍ରଦାନ କରିବା ଆବଶ୍ୟକ ଅଟେ ।

ଏତଦ୍ ବ୍ୟତୀତ, ଧାର୍ଯ୍ୟ ନିୟମ ଓ ପଦ୍ଧତି ଗୁଡ଼ିକର ଅନୁପାଳନ ଦିଗରେ ସମୟୋଚିତ ପ୍ରତିକାରାତ୍ମକ ପଦକ୍ଷେପ ଓ ନିରୀକ୍ଷଣ ସମୟ[6]ରେ ଚିହ୍ନଟ ହୋଇଥିବା ସ୍ୱଚ୍ଛତା, ତ୍ରୁଟି ଇତ୍ୟାଦି ପାଇଁ ଉତ୍ତରଦାୟୀ ରହିବା ବିଷୟକୁ ସୁନିଶ୍ଚିତ କରିବା ପାଇଁ ମହାଲେଖାକାର ପ୍ରଦତ୍ତ ନିରୀକ୍ଷଣ ରିପୋର୍ଟ ଉପରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗ ମଧ୍ୟ ସମୟ ସମୟ କ୍ରମେ ନିର୍ଦ୍ଦେଶ ଜାରି କରିଥିଲେ ।

ଅମୀମାଂସିତ ନିରୀକ୍ଷଣ ରିପୋର୍ଟ ଅନ୍ତର୍ଗତ ଅମୀମାଂଶିତ ସମୀକ୍ଷା ମନ୍ତବ୍ୟ ଗୁଡ଼ିକର ତଥା ସମାଧାନକୁ ସୁଗମ କରିବା ପାଇଁ, ଅମୀମାଂସିତ ନିରୀକ୍ଷଣ ରିପୋର୍ଟର ସ୍ଥିତି ବିଷୟ ଉଲ୍ଲେଖ ଥାଇ ଏକ ଷାଣ୍ମାସିକ ରିପୋର୍ଟ ସଂପୃକ୍ତ ବିଭାଗର ପ୍ରମୁଖ ସଚିବ/ ସଚିବଙ୍କ ନିକଟକୁ ପଠାଯାଇଥାଏ ।

24 ଟି ବିଭାଗ ଅନ୍ତର୍ଗତ 3,540 ଟି କାର୍ଯ୍ୟାଳୟକୁ ମାର୍ଚ୍ଚ 2019 ସୁଦ୍ଧା ପଠାଯାଇଥିବା ନିରୀକ୍ଷଣ ରିପୋର୍ଟ ଜଣାଇଥିଲା ଯେ 10,127 ନିରୀକ୍ଷଣ ରିପୋର୍ଟ ଅନ୍ତର୍ଗତ 49,359 ଟି ଅନୁଚ୍ଛେଦ ଜୁନ୍ 2019 ସୁଦ୍ଧା ଅମୀମାଂସିତ ଅବସ୍ଥାରେ ରହିଥିଲା । ଅପ୍ରେଲ 2018 ଠାରୁ ମାର୍ଚ୍ଚ 2019 ମଧ୍ୟରେ ପଠାଯାଇଥିବା 18 ଟି ବିଭାଗ ସମ୍ପର୍କିତ 398 ଟି ନିରୀକ୍ଷଣ ରିପୋର୍ଟ ମଧ୍ୟରୁ 14 ଟି ବିଭାଗ[7] ସମ୍ପର୍କିତ ମାତ୍ର 81 ଟି ନିରୀକ୍ଷଣ ରିପୋର୍ଟର ଜବାବ ପ୍ରାପ୍ତ ହୋଇଥିଲା ।

ଅମୀମାଂସିତ ନିରକ୍ଷଣ ରିପୋର୍ଟ ଓ ଅନୁଚ୍ଛେଦଗୁଡିକର ବିଭାଗୱାରୀ ଏବଂ ବର୍ଷୱାରୀ ସ୍ଥିତି ***ପରିଶିଷ୍ଟ 1.2*** ରେ ଦର୍ଶାଯାଇଅଛି ।

ଅମୀମାଂସିତ ନିରୀକ୍ଷଣ ରିପୋର୍ଟରେ ସରକାରୀ ଅର୍ଥର ଚୋରି, ତୋଷରଫ୍, ଅବ୍ୟବହାର ଇତ୍ୟାଦି ରାଜସ୍ୱ ହାନି ଓ ନିଅଣ୍ଟ ଏବଂ ଅନାଦେୟ/ ହିସାବରୁ ବାଦ୍ ଜନିତ କ୍ଷତି ସମ୍ପର୍କିତ 940.78 କୋଟି ଟଙ୍କାର 566 ଟି

---

5 ସମୀକ୍ଷା ନୋଟ କିମ୍ବା ନିରୀକ୍ଷଣ ରିପୋର୍ଟରେ ଥିବା କେତେକ ମନ୍ତବ୍ୟ ଉପରେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଚୂଡ଼ାନ୍ତ ଜବାବ ଉପସ୍ଥାପନାରେ ଅସୁବିଧା ହେଲେ ସେଗୁଡ଼ିକର ପ୍ରଥମ ଜବାବ ବିଳମ୍ବିତ ହେବ ନାହିଁ ଏବଂ ଚୂଡ଼ାନ୍ତ ଜବାବ ଦାଖଲ କରିବାର ସମ୍ଭାବ୍ୟ ତାରିଖ ସୂଚନା ପ୍ରଦାନ ପୂର୍ବକ ଏକ ଅନ୍ତରୀଣ ଜବାବ ଉପସ୍ଥାପନ କରାଯିବ

6 ଅଡିଟ୍ ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ, ସିଏଜି ପ୍ରତିବେଦନଗୁଡ଼ିକର ଯାଞ୍ଚ ଓ ସେଗୁଡ଼ିକ ଉପରେ ଆରମ୍ଭ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ଏବଂ କାର୍ଯ୍ୟସୂଚୀ ସମ୍ପର୍କିତ ନିର୍ଦ୍ଦେଶାବଳୀ ସମ୍ବଳିତ ପୁସ୍ତିକା ଡିସେମ୍ବର 2006ରେ ଜାରି କରାଯାଇଥିଲା ।

7 ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି: 1, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ:2., ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ: 4, ଉଚ୍ଚ ଶିକ୍ଷା: 6, ଗୃହ: 30, ଗୃହ ଓ ନିର୍ମାଣ ଓ ନଗର ଉନ୍ନୟନ: 1, ଆଇନ୍: 1, ପଞ୍ଚାୟତି ରାଜ ଓ ପାନୀୟ ଜଳ : 12, ରାଜସ୍ୱ ଓ ବିପର୍ଯ୍ୟୟର ପରିଚାଳନା: 9, ଗ୍ରାମ୍ୟ ଉନ୍ନୟନ: 10, ବିଦ୍ୟାଳୟ ଓ ଗଣଶିକ୍ଷା: 1, ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟା ଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ: 1, ଭିନ୍ନକ୍ଷମ ବ୍ୟକ୍ତିଙ୍କ ସାମାଜିକ ସୁରକ୍ଷା ଓ ସଶକ୍ତିକରଣ: 1 ଏବଂ ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି:2 ।

ଅନୁଚ୍ଛେଦ ରହିଛି, ଗୁରୁତର ବର୍ଷର ଅମୀମାଂସିତ ଅନୁଚ୍ଛେଦ ଗୁଡ଼ିକର ବିଭାଗୱାରୀ ଓ ପ୍ରକାର ଭିତ୍ତିକ ବିଶ୍ଳେଷଣ ***ପରିଶିଷ୍ଟ 1.3*** ରେ ଦର୍ଶାଯାଇଛି ।

ଉଚ୍ଚ ଶିକ୍ଷା ବିଭାଗର ଅମୀମାଂସିତ ଅନୁଚ୍ଛେଦ ମଧରେ ମୁଖ୍ୟତଃ ଋଣ, ଛାତ୍ରବୃତ୍ତିର ଅସୁଲ ନହେବା, ବେସରକାରୀ ଶିକ୍ଷା ସଂସ୍ଥାର କର୍ମଚାରୀମାନଙ୍କ ଦରମା ବାବଦରେ ଅଧିକ ଅନୁଦାନ ପ୍ରଦାନ, ଡାକ୍ତରୀ ଖର୍ଚ୍ଚର ଅଧିକ ପରିଶୋଧ, ସୁଧର ଅସୁଲ ନହେବା, ଚଳମାନୀକରଣ ଅଗ୍ରୀମ କଟା ନ ଯିବା, ସରକାରୀ ଅର୍ଥର ପ୍ରବଞ୍ଚନାତ୍ମକ ଉଠାଣ, ସରକାରୀ ଅର୍ଥର ଆତ୍ମସାତ ଇତ୍ୟାଦି ରହିଛି ।

ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗର ଗୁରୁତ୍ୱପୂର୍ଣ୍ଣ ଅମୀମାଂସିତ ଅନୁଚ୍ଛେଦ ମଧରେ ପ୍ରବଞ୍ଚନାତ୍ମକ ଖର୍ଚ୍ଚ, ସରକାରୀ ଅର୍ଥର ଆତ୍ମସାତକରଣ ନକଲି ଶିକ୍ଷକମାନଙ୍କ ଦ୍ୱାରା ଶିକ୍ଷା ଦାନ ଜାରି ରଖିବା ହେତୁ ପରିହାର୍ଯ୍ୟ ଖର୍ଚ୍ଚ, ଦରମା ଓ ଅନୁଦାନ ବାବଦରେ ଅଧିକ ଖର୍ଚ୍ଚ ଇତ୍ୟାଦି ରହିଛି ।

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅମୀମାଂଶିତ ଅନୁଚ୍ଛେଦ ମଧ୍ୟରେ ମୁଖ୍ୟତଃ ହିତାଧୀକାରୀମାନଙ୍କ ଠାରୁ ଜଳ ନିଷ୍କାସନ ଓ ଜଳ କର ବାବଦ ସରକାରୀ ରାଜସ୍ୱ ଆଦାୟ ନହେବା, ସରକାରୀ ଗୃହ ଓ ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିର ଆବଣ୍ଟନକାରୀମାନଙ୍କଠାରୁ  ଋଣ ଓ ଅନ୍ୟାନ୍ୟ ଦେୟ ଅସୁଲ ନହେବା, ଜମିର ବେଞ୍ଚମାର୍କ ମୂଲ୍ୟ ଗ୍ରହଣ ନକରିବା ଫଳରେ ରାଜସ୍ୱ ହାନୀ ଇତ୍ୟାଦି ରହିଛି ।

ଗୃହ ବିଭାଗରେ ଗୁରୁତ୍ୱପୂର୍ଣ୍ଣ ଅମୀମାଂସିତ ପର୍ଯ୍ୟବେକ୍ଷଣ ମଧରେ ସରକାରୀ ଅର୍ଥର ତୋଷରପାତ ବେସରକାରୀ ସଂସ୍ଥାରେ ପୁଲିସ୍ କର୍ମଚାରୀମାନଙ୍କର ନିୟୋଜିତ ବାବଦରେ ଅର୍ଥ ଆଦାୟ ନହେବା, ଋଣ/ଦେୟ/କର /ସେସ୍/ ଜୋରିମାନା ଆଦାୟ ନହେବା ଇତ୍ୟାଦି ରହିଛି ।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗରେ ଗୁରୁତ୍ୱପୂର୍ଣ୍ଣ ଅମୀମାଂସିତ ଅଡିଟ୍ ପର୍ଯ୍ୟବେକ୍ଷଣ ଗୁଡ଼ିକ ମଧରେ ଲଘୁ ଖଣିଜ ସମ୍ପଦର ସନ୍ଦେହଜନକ ଆତ୍ମସାତ୍/ ଚୋରି/ ତୋଷରପାତ ଯୋଗୁଁ ରାଜସ୍ୱ ହାନି, ରୟାଲିଟି ଅସୁଲ ନହେବା, ପ୍ରିମିୟମର ଆଦାୟ ନହେବା କିମ୍ବା କମ୍ ଆଦାୟ ହେବା, ଲଘୁ ଖଣିଜ ସମ୍ପଦର ନିଲାମ ନ ହେବା ଇତ୍ୟାଦି ରହିଥିଲା ।

ସାଧାରଣ ଓ ସାମାଜିକ କ୍ଷେତ୍ର ଅନ୍ତର୍ଗତ 24 ଟି ବିଭାଗ ମଧରୁ 13 ଟି ବିଭାଗ କ୍ଷେତ୍ରରେ ଅମୀମାଂସିତ ନିରୀକ୍ଷଣ ରିପୋର୍ଟ/ ଅନୁଚ୍ଛେଦ ଗୁଡ଼ିକର ଦ୍ରୁତ ସମାଧାନ ନିମନ୍ତେ ସଂପୃକ୍ତ ପ୍ରଶାସନିକ ବିଭାଗ, ଅର୍ଥ ବିଭାଗ ଏବଂ ଅଡିଟ୍ ପ୍ରତିନିଧି ମାନଙ୍କୁ ନେଇ ଗଠିତ ତ୍ରିକୋଣୀୟ କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା ।

ଅବଶିଷ୍ଟ 11 ଟି ବିଭାଗ[୪] ପାଇଁ ତ୍ରିକୋଣୀୟ କମିଟି ବୈଠକ ଅନୁଷ୍ଠିତ ହୋଇନଥିଲା । ଏହି 13ଟି ବିଭାଗ ପାଇଁ ଅପ୍ରେଲ 2018 ରୁ ମାର୍ଚ୍ଚ 2018 ମଧରେ ଅନୁଷ୍ଠିତ ହୋଇଥିବା ତ୍ରିକୋଣୀୟ ବୈଠକରେ 1541ଟି ଅନୁଚ୍ଛେଦ ଓ 189 ଟି ନିରୀକ୍ଷଣ ରିପୋର୍ଟର ସମାଧାନ ହୋଇଥିଲା ।

ଧାର୍ଯ୍ୟ ସମୟ ସୀମା ମଧରେ (i) ନିରୀକ୍ଷଣ ରିପୋର୍ଟ/ ଅନୁଚ୍ଛେଦ ଗୁଡ଼ିକର ଜବାବ ଦାଖଲରେ ବିଫଳ ହୋଇଥିବା କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ (ii) କ୍ଷତି/ ଅଗ୍ରୀମ/ ଅଧିକ ଅର୍ଥ ପ୍ରଦାନ ଇତ୍ୟାଦିର ଭରଣା ପାଇଁ ଏକ ପଦ୍ଧତି ପ୍ରଚଳନ କରିବା ଏବଂ (iii) ପ୍ରତ୍ୟେକ ଅଡିଟ୍ କମିଟିର ପ୍ରତି ତିନି ମାସରେ ସର୍ବନିମ୍ନ ଗୋଟିଏ ବୈଠକ ଅନୁଷ୍ଠିତ କରିବା ବିଷୟକୁ ସୁନିଶ୍ଚିତ କରିବା ନିମନ୍ତେ ସରକାରଙ୍କ ଦ୍ୱାରା ସୁପାରିଶ କରାଗଲା ।

[୪] ଭିନ୍ନକ୍ଷମ ବ୍ୟକ୍ତିଙ୍କ ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ଓ କ୍ରୀଡ଼ା  ଓ ଯୁବ ବ୍ୟାପାର

### *1.6.2 ସମୀକ୍ଷା ପରିସରକୁ ଅବମାନନା*

ଡିପିସି ଅଧିନିୟମର ଧାରା 18(4) (ବି) ଧାର୍ଯ୍ୟ କରିଛି ଯେ କର୍ତ୍ତବ୍ୟ ସମାପନ କରିବା ସମୟରେ ସିଏଜିଙ୍କ ପରିସରଭୁକ୍ତ କାର୍ଯ୍ୟକ୍ରମ ସହ ସମ୍ପର୍କ ଥିବା କାର୍ଯ୍ୟକ୍ରମର ଆଧାର ସାଜିଥିବା ଅଥବା ପ୍ରାସଙ୍ଗିକତା ରଖିଥିବା କୌଣସି ଲେଖା, ପୁସ୍ତକ, କାଗଜପତ୍ର ତଥା ଅନ୍ୟାନ୍ୟ ଦସ୍ତାବିଜ ଗୁଡ଼ିକୁ ମଗାଇବା ସିଏଜିଙ୍କର ପ୍ରାଧିକାର । ଅଡିଟ୍ ଆବଶ୍ୟକ କରୁଥିବା ତଥ୍ୟ, ସୂଚନା ତଥା ଅନ୍ୟାନ୍ୟ ଦସ୍ତାବିଜଗୁଡ଼ିକୁ ଠିକ୍ ସମୟରେ ଉପଲବ୍ଧ କରାଇବା ବିଷୟକୁ ସୁନିଶ୍ଚିତ କରିବା ପାଇଁ ପ୍ରତ୍ୟେକ ବିଭାଗ କିମ୍ବା ସଂସ୍ଥା ଏକ ସକ୍ରିୟ ବ୍ୟବସ୍ଥା ପରିଚାଳନା କରିବା ବିଷୟ ରେଗୁଲେସନ ଅନ୍ ଅଡିଟ୍ ଆଣ୍ଡ ଆକାଉଣ୍ଟସ୍ 2007 ରେ ବର୍ଣ୍ଣନା କରାଯାଇଅଛି, ଯାହାକି ଡିପିସି ଅଧିନିୟମରେ ଥିବା ବ୍ୟବସ୍ଥାକୁ ପ୍ରଭାବଶାଳୀ କରେ । ଆହୁରି ମଧ ସୂଚନା ପ୍ରଯୁକ୍ତି (ସଂଶୋଧିତ) ଅଧିନିୟମ 2008 ର ଧାରା 7 ବ୍ୟବସ୍ଥିତ କରେ ଯେ ପ୍ରଚଳିତ କୌଣସି ଆଇନରେ ଦସ୍ତାବିଜ, ନଥି ଓ ସୂଚନାରେ ସମୀକ୍ଷା ବିଷୟ ଉଲ୍ଲେଖ ଥିଲେ ଇଲେକ୍ଟ୍ରୋନିକ୍ସ ରୂପରେ ରଖାଯାଇଥିବା ଦସ୍ତାବିଜ ଓ ସୂଚନାର ସମୀକ୍ଷା କ୍ଷେତ୍ରରେ ମଧ ସେହି ବ୍ୟବସ୍ଥା ପ୍ରୟୋଗ କରାଯିବ ।

ଏପରି ପୂର୍ଣ୍ଣ ବ୍ୟବସ୍ଥା ସତ୍ତ୍ୱେ ଅଡିଟକୁ ନଥିପତ୍ର ଗୁଡ଼ିକୁ ଯୋଗାଇ ନଦେବାର ଦୃଷ୍ଟାନ୍ତ ଥିଲା ଯାହା ସମୀକ୍ଷାର ପ୍ରଭାବକୁ ପ୍ରତିହତ କରିଥିଲା । ଫେବୃଆରୀ 2018 ଠାରୁ ଜୁଲାଇ 2019 ମଧ୍ୟରେ ସମୀକ୍ଷା କରାଯାଇଥିବା ବିଭିନ୍ନ ବିଭାଗ ଅନ୍ତର୍ଗତ 1420 ଟି ୟୁନିଟ୍ ମଧ୍ୟରୁ ନଅଟି ବିଭାଗ[9] ଅଧିନସ୍ଥ 48 ଟି ୟୁନିଟ୍ ସମୀକ୍ଷା ଯାଞ୍ଚ୍ ସମୟରେ ଅଡିଟ୍ ଆବଶ୍ୟକ କରୁଥିବା କାରବାର ସଂକ୍ରାନ୍ତ 17.84 କୋଟି ଟଙ୍କାର ଭାଉଚର ଉପଲବ୍ଧ କରାଇନଥିଲେ ଯାହା ***ପରିଶିଷ୍ଟ 1.4*** ରେ ଦର୍ଶାଯାଇଛି ।

## 1.7 ଡ୍ରାଫ୍ଟ ସମୀକ୍ଷା ଅନୁଚ୍ଛେଦଗୁଡ଼ିକ ଉପରେ ବିଭାଗ ଗୁଡ଼ିକର ପଦକ୍ଷେପ

ରେଗୁଲେସନ୍ ଅନ୍ ଅଡିଟ୍ ଆଣ୍ଡ ଆକାଉଣ୍ଟସ୍ 2007 ଅନୁଯାୟୀ ଭାରତର ମହାଲେଖାକାର ନିୟନ୍ତ୍ରଣ ତଥା ମହାସମୀକ୍ଷକଙ୍କ ପ୍ରତିବେଦନରେ ସ୍ଥାନିତ ହେବାକୁ ଥିବା ପ୍ରସ୍ତାବିତ ଡ୍ରାଫ୍ଟ ସମୀକ୍ଷା ଅନୁଚ୍ଛେଦ ଗୁଡ଼ିକ ଉପରେ ଛଅ ସପ୍ତାହ ମଧ୍ୟରେ ଜବାବ ଦାଖଲ କରାଯିବା ଉଚିତ୍ ।

ଡ୍ରାଫ୍ଟ ସମୀକ୍ଷା ସିଦ୍ଧାନ୍ତଗୁଡ଼ିକ ଉପରେ ଧ୍ୟାନ ଆକର୍ଷଣ ସହିତ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଜବାବ ଉପସ୍ଥାପନ ପାଇଁ ଅନୁରୋଧ ପୂର୍ବକ ସମୀକ୍ଷା ଅନୁଚ୍ଛେଦଗୁଡ଼ିକୁ ପ୍ରମୁଖ ସଚିବ/ ସଚିବଙ୍କ ନିକଟକୁ ପଠାଯାଇଥାଏ । ଏକଥା ମଧ ସେମାନଙ୍କୁ ବ୍ୟକ୍ତିଗତ ଭାବେ ଜଣାଇ ଦିଆଯାଏ ଯେ ବିଧାନ ସଭାରେ ଉପସ୍ଥାପିତ ହେଉଥିବା ସିଏଜିଙ୍କ ସମୀକ୍ଷା ପ୍ରତିବେଦନରେ ଏକ ଅନୁଚ୍ଛେଦଗୁଡ଼ିର ସାମ୍ଭାବ୍ୟ ପରିପ୍ରେକ୍ଷୀରେ ସମୀକ୍ଷା ସିଦ୍ଧାନ୍ତ ଉପରେ ସେମାନେ ଦେଇଥିବା ମନ୍ତବ୍ୟ ସାମିଲ କରାଯିବ ।

ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ ହେବାକୁ ଥିବା ଡ୍ରାଫ୍ଟ ଅନୁଚ୍ଛେଦଗୁଡ଼ିକୁ ମଇ ଏବଂ ସେପ୍ଟେମ୍ବର 2019 ମଧ୍ୟରେ ଅର୍ଦ୍ଧ ସରକାରୀ ପତ୍ର ମାଧ୍ୟମରେ ସଂପୃକ୍ତ ବିଭାଗର ସଚିବମାନଙ୍କ ନିକଟକୁ ପଠାଯାଇଥିଲା । ସମୀକ୍ଷା ପ୍ରତିବେଦନ ସ୍ଥାନିତ ହୋଇଥିବା 11 ଟି ଡ୍ରାଫ୍ଟ ଅନୁଚ୍ଛେଦ ମଧ୍ୟରୁ ଚାରିଟି କ୍ଷେତ୍ରରେ ସଂପୃକ୍ତ ବିଭାଗ / ନିର୍ଦ୍ଦେଶାଳୟ ଜବାବ ପ୍ରଦାନ କରିନଥିଲେ ।

ଯେଉଁ କ୍ଷେତ୍ରରେ ସଂପୃକ୍ତ ନିର୍ଦ୍ଦେଶାଳୟ/ ବିଭାଗ ଗୁଡ଼ିକର ଜବାବ ତଥା ପ୍ରାଥମିକ ଅଡିଟ୍ ମେମୋଗୁଡ଼ିକର ଜବାବ ପ୍ରାପ୍ତ ହୋଇଥିଲା, ସେଗୁଡ଼ିକ ଉପଯୁକ୍ତ ଭାବରେ ପ୍ରତିବେଦନରେ ସାମିଲ କରାଯାଇଛି ।

---

[9] (1) ପଞ୍ଚାୟତି ରାଜ ଓ ପାନୀୟ ଜଳ (20 ୟୁନିଟ), ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି), (2) ଉଚ୍ଚ ଶିକ୍ଷା (4 ୟୁନିଟ), (3) ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ (4 ୟୁନିଟ), (4) ଗୃହ (2 ୟୁନିଟ), (5) ଗ୍ରାମ୍ୟ ଉନ୍ନୟନ (1 ୟୁନିଟ), (6) ବିଦ୍ୟାଳୟ ଓ ଗଣ ଶିକ୍ଷା (2 ୟୁନିଟ), (7) ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ (2 ୟୁନିଟ), (8) , ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା (11 ୟୁନିଟ) ଏବଂ (9) , ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି (2 ୟୁନିଟ)

## 1.8 ସମୀକ୍ଷା ପ୍ରତିବେଦନଗୁଡ଼ିକର ଅନୁବର୍ତ୍ତୀ ପଦକ୍ଷେପ

ରାଜ୍ୟପାଳଙ୍କ ନିକଟରେ ଜାନୁଆରୀ 2017 (ସ୍ଥାନୀୟ ନିକାୟ) ଓ ମାର୍ଚ୍ଚ 2017 (ସାଧାରଣ ଓ ସାମାଜିକ କ୍ଷେତ୍ର) ରେ ଉପସ୍ଥାପନା କରାଯାଇଥିବା 2015-16 ବର୍ଷର ସମୀକ୍ଷା ପ୍ରତିବେଦନ ସେପ୍ଟେମ୍ବର 2017 ରେ ରାଜ୍ୟ ବିଧାନ ସଭାରେ ଉପସ୍ଥାପିତ କରାଯାଇଥିଲା । ସମୀକ୍ଷା ପ୍ରତିବେଦନ ଗୁଡ଼ିକର ଉପସ୍ଥାପନାରେ ତତ୍ପରତାକୁ ସୁନିଶ୍ଚିତ କରିବା ପାଇଁ ଏକ ଫଳପ୍ରଦ ବ୍ୟବସ୍ଥା ପ୍ରଚଳନ କରାଯିବା ଉଚିତ୍ ।

ଭାରତର ସିଏଜିଙ୍କ ସମୀକ୍ଷା ପ୍ରତିବେଦନ ଗୁଡ଼ିକ ରାଜ୍ୟ ବିଧାନ ସଭାରେ ଉପସ୍ଥାପନ କରାଯିବା ପରେ ରାଜ୍ୟ ସରକାରଙ୍କ ବିଭାଗ ଗୁଡ଼ିକ ସମୀକ୍ଷା ମନ୍ତବ୍ୟର ଜବାବ ନିଜ ତରଫରୁ ତିନି ମାସ ମଧ୍ୟରେ ଦାଖଲ କରିବା ଆବଶ୍ୟକ । ସାଧାରଣ ଓ ସାମାଜିକ କ୍ଷେତ୍ର ଓ ସ୍ଥାନୀୟ ନିକାୟ ଉପରେ 2016-17 ପର୍ଯ୍ୟନ୍ତ ସିଏଜିଙ୍କ ପ୍ରତିବେଦନରେ ସ୍ଥାନ ପାଇଥିବା ଅନୁଚ୍ଛେଦ ଗୁଡ଼ିକରେ ପର୍ଯ୍ୟାଲୋଚନାରୁ ଜଣାଗଲା ଯେ ସେପ୍ଟେମ୍ବର 2019 ସୁଦ୍ଧା କୌଣସି ଜବାବ ଦାଖଲ କରିବାକୁ ନଥିଲା । 2007-08 ରୁ 2016-17 ଅବଧି ସମ୍ବନ୍ଧୀୟ 210 ଟି ଅନୁଚ୍ଛେଦ ମଧ୍ୟରୁ ପବ୍ଲିକ୍ ଆକାଉଣ୍ଟସ୍ କମିଟି (ପିଏସି ) ଦ୍ୱାରା 140 ଟି ଅନୁଚ୍ଛେଦ ଆଲୋଚନା ପାଇଁ ଚୟନ କରାଯାଇଥିବା ବେଳେ, ଅବଶିଷ୍ଟ 70 ଟି ଅନୁଚ୍ଛେଦ ଚୟନ କରାଯାଇ ନଥିଲା ।

ପିଏସି କାର୍ଯ୍ୟ ପଦ୍ଧତି ନିୟମ ଅନୁଯାୟୀ ରାଜ୍ୟ ବିଧାନ ସଭାରେ ଉପସ୍ଥାପିତ ପିଏସିଙ୍କ ରିପୋର୍ଟରେ କରାଯାଇଥିବା ସୁପାରିଶ ଗୁଡ଼ିକ ଉପରେ ପ୍ରଶାସନିକ ବିଭାଗ ବିହିତ କାର୍ଯ୍ୟାନୁଷ୍ଠାନ କରିବା ସହିତ ଚାରି ମାସ ମଧ୍ୟରେ ସୁପାରିଶ ଉପରେ ଗ୍ରହଣ କରାଯାଇଥିବା କିମ୍ବା ଗ୍ରହଣ କରିବାକୁ ଥିବା କାର୍ଯ୍ୟାନୁଷ୍ଠାନ ଉପରେ ମନ୍ତବ୍ୟ ରଖିବା ଆବଶ୍ୟକ ।

ବିଧାନ ସଭାରେ ଉପସ୍ଥାପିତ ପିଏସିଙ୍କର ଦୁଇଟି ରିପୋର୍ଟରେ[10] ସ୍ଥାନ ପାଇଥିବା 37 ଟି ଅନୁଚ୍ଛେଦ ଉପରେ ସାତଟି ବିଭାଗ[11] ଦ୍ୱାରା ସେପ୍ଟେମ୍ବର 2019 ସୁଦ୍ଧା କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ମନ୍ତବ୍ୟ ରଖାଯାଇନଥିଲା । ଏହି ଦୁଇଟି ରିପୋର୍ଟରେ ଅସୁଲି, ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଇତ୍ୟାଦି ବିଷୟରେ ପିଏସି ପରାମର୍ଶ ପ୍ରଦାନ କରିଥିଲେ । କିଛି ଗୁରୁତ୍ୱପୂର୍ଣ୍ଣ ମାମଲା ***ପରିଶିଷ୍ଟ 1.5*** ରେ ଦର୍ଶାଯାଇଛି ।

ପିଏସିଙ୍କ ସୁପାରିଶ ଉପରେ ପ୍ରଶାସନିକ ବିଭାଗ ଦ୍ୱାରା ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ତଥାପି ଅପର୍ଯ୍ୟାପ୍ତ ଓ ଅସମ୍ପୂର୍ଣ୍ଣ ଥିବା ଜଣାପଡ଼ିଥିଲା ।

---

[10] 16 ତମ ପିଏସି ରିପୋଟ 2018-19 ଏବଂ 17 ତମ ପିଏସି ରିପୋର୍ଟ 2018-19

[11] ଗୃହ (1), ପଞ୍ଚାୟତି ରାଜ ଓ ପାନୀୟ ଜଳ (2), ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା (8), ଗ୍ରାମ୍ୟ ଉନ୍ନୟନ(17), ବିଦ୍ୟାଳୟ ଓ ଗଣ ଶିକ୍ଷା(6), ଉଚ୍ଚ ଶିକ୍ଷା (2), ବିଜ୍ଞାନ ଓ ବୈଷୟିକ ଜ୍ଞାନ(1)